# ଭାଗ ନେବେନି କଳିଙ୍ଗନଗର ଶିଳ୍ପ, ଖଣି ସଂସ୍ଥା

**ଆଜି ୩ ବର୍ଷ ପରେ ଯାଜପୁର ଜିଲ୍ଲାରେ ମେଗା ନିଯୁକ୍ତି ମେଳା**

- ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା
- ଭେଣ୍ଡର ଜରିଆରେ ଯୁବତୀଯୁବକଙ୍କୁ ଶୋଷଣ
- ସାମିଲ ହେବେ ୬୫ ନିଯୁକ୍ତିଦାତା ସଂସ୍ଥା

ଯାଜପୁର,୧୦।୩(ହର୍ଷବର୍ଦ୍ଧନ ବେହେରା):

ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ୩ ବର୍ଷ ପରେ ଜିଲାସ୍ତରୀୟ ମେଗା ନିଯୁକ୍ତି ମେଳା ଯାଜପୁର ସହରସ୍ଥିତ ଏନ୍‌ସି ସ୍ୱୟଂଶାସିତ କଲେଜ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହେବ। ୨୮।୧୨।୨୦୨୧ରେ ଶେଷ ଥର ପାଇଁ ବ୍ୟାସନଗର ସ୍ୱୟଂଶାସିତ କଲେଜରେ ଏହି ମେଳା ହୋଇଥିଲା। ତେବେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ଏହି ମେଳାରେ କଳିଙ୍ଗନଗରର ପ୍ରାୟ ୧୫ ଶିଳ୍ପ ସଂସ୍ଥା, କାଳିଆପାଣି ଅଞ୍ଚଳର ୬ ଖଣି ସଂସ୍ଥା କର୍ତ୍ତୃପକ୍ଷ ଭାଗ ନେଉ ନ ଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ସାରା ରାଜ୍ୟରୁ ପ୍ରାୟ ୬୫ ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ଏଥିରେ ଭାଗ ନେଉଥିବା ବିଭାଗ ପକ୍ଷରୁ ସୂଚିତ କରାଯାଇଛି। କଳିଙ୍ଗନଗର ଶିଳ୍ପ ଓ ଖଣି କମ୍ପାନୀ କର୍ତ୍ତୃପକ୍ଷଙ୍କ ଏହି ମନମାନିକୁ ସାଧାରଣରେ ନାପସନ୍ଦ କରାଯାଇଛି। ରାଜ୍ୟର ଅନ୍ୟ କୌଣସି ଅଞ୍ଚଳରେ ଯାହା ହେଉନା କାହିଁକି ଖଣି ଓ ଶିଳ୍ପ କବଳିତ ଯାଜପୁର ଜିଲାରେ କିନ୍ତୁ ଏହାର ଗଭୀର କୁପ୍ରଭାବ ପଡ଼ିବାକୁ ଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଦେଶରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପ୍ରକୃତ ଅବସ୍ଥା, ବ୍ୟବସ୍ଥାକୁ ବୁଝିବାକୁ ହେଲେ ମାନବ ବିକାଶ ଓ ସହଜ ଜୀବନ ସୂଚକାଙ୍କ ସମେତ ବେରୋଜଗାର ଓ ଆର୍ଥିକ ଅସମାନତା ବଡ ମାପଦଣ୍ଡ। ଏହିକ୍ରମରେ ରାଜ୍ୟରେ ବେରୋଜଗାର ମାନବ ବିକାଶର ସୂଚକାଙ୍କକୁ ହତାଶ କରିଛି। ରାଜ୍ୟ ସରକାର ଶିଳ୍ପାୟନ ପ୍ରତି ଗୁରୁତ୍ୱାରୋପ କରୁଥିଲେ ହେଁ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କାରଣରୁ ବାସ୍ତବ ବିକାଶ ଲୋକଙ୍କ ନିକଟରେ ଏବେବି ଅପହଞ୍ଚ। ଶିଳ୍ପ ସମୃଦ୍ଧ ଯାଜପୁର ଜିଲାକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏହି ଜିଲାରେ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀଙ୍କ ସମେତ ପ୍ରାୟ ୫୦ ହଜାର ଯୁବତୀଯୁବକ ବେକାର ହୋଇ ବସିଛନ୍ତି। ହେଲେ ରାଜ୍ୟ ବାହାର ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦିରୁ ବହୁ ଲୋକ ଏଠାରେ ନିଯୁକ୍ତି ଓ ଠିକା କାମ ହାତେଇ ବିଳାଶମୟ ଜୀବନ ବିତାଉଛନ୍ତି। ସୁକିନ୍ଦା ଖଣି ଓ କଳିଙ୍ଗନଗର ଶିଳ୍ପ କାରଖାନାଗୁଡ଼ିକରେ ୫୦୦ରୁ ଊର୍ଦ୍ଧ୍ୱ ଠିକାସଂସ୍ଥା ନିୟୋଜିତ ଅଛନ୍ତି। ସେଥିମଧ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ଠିକା ସଂସ୍ଥା ରାଜ୍ୟ ବାହାରର। ସେହି ସଂସ୍ଥାଗୁଡ଼ିକ ଅଧିନରେ ରାଜ୍ୟ ବାହାରର ଅର୍ଦ୍ଧାଧିକ ଯୁବତୀଯୁବକ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଏଥିରେ ରାଜ୍ୟ ଭିତରୁ ଯେଉଁ କେତେଜଣ ଯୁବତୀଯୁବକ କାମ କରୁଛନ୍ତି ସେମାନଙ୍କୁ ଆବଶ୍ୟକ ପଡ଼ିଲେ ବାହାର କରି ଦିଆଯାଉଛି। ଯେଉଁ କେତେକ ସ୍ଥାନୀୟ ଠିକା ଶ୍ରମିକଙ୍କୁ କାର୍ଯ୍ୟ ମିଳୁଛି ସେମାନଙ୍କୁ କମ୍ପାନୀ ଦେଉଥିବା ସମୁଦାୟ ଅର୍ଥରୁ ଠିକାସଂସ୍ଥା ପ୍ରାୟ ୫୦ ପ୍ରତିଶତ କାଟି ମାସିକ ଦରମା ଦେଉଛନ୍ତି। ଏପରିକି ସ୍ଥାନୀୟ ବୈଷୟିକ ଡିଗ୍ରୀଧାରୀ ଯୁବତୀଯୁବକ ଅଭିଜ୍ଞତା ପାଇବାକୁ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ଲକ୍ଷାଧିକ ଟଙ୍କାର ହାତଗୁଞ୍ଜା ଦେବାକୁ ପଡୁଥିବା ନଜିର ରହିଛି। ଏଥିରେ କେତେଜଣ ଦଲାଲ ସକ୍ରିୟ ରହିଛନ୍ତି। ପଞ୍ଜୀକରଣ ହେଉଥିବା ଆଳ କରି ବେକାର ଯୁବତୀଯୁବକଙ୍କଠାରୁ ହଜାର ହଜାର ଟଙ୍କା ଆଦାୟ କରୁଛନ୍ତି। କେତେକାଂଶରେ ବେକାର ଯୁବତୀଯୁବକ ଠିକାସଂସ୍ଥା ଜରିଆରେ ନିଯୁକ୍ତି ପାଇବାକୁ ଦଲାଲମାନଙ୍କୁ ଅର୍ଥ ଦେଉଥିଲେ ବି ନିଯୁକ୍ତି ମିଳୁନାହିଁ। ଏପରିକି ବେକାର ଯୁବତୀଯୁବକ ଦେଇଥିବା ଅର୍ଥ ମଧ୍ୟ ଆଉ ଫେରସ୍ତ ପାଉ ନ ଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି।

ବର୍ତ୍ତମାନ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏଭଳି ଜଣେ ଦଲାଲଙ୍କ ନାମ ଚର୍ଚ୍ଚାରେ ରହିଛି। ଏହାକୁ ପ୍ରତିହତ କରିବାକୁ ବିରୋଧୀଙ୍କ ପାଖରେ ମଧ୍ୟ ଦମ୍ଭ ନ ଥିଲା ଭଳି ଜଣାପଡୁଛି। ବିଧାନସଭାଠାରୁ ଆରମ୍ଭ କରି ବିଭିନ୍ନ ସଭାସମିତିରେ କିନ୍ତୁ ନେତାମାନେ ନିଯୁକ୍ତି କ୍ଷେତ୍ରରେ କଳିଙ୍ଗନଗରର ସଫଳତା ବଖାଣୁଥିବାବେଳେ ବାସ୍ତବତା ବହୁ ଦୂରରେ ବୋଲି ମତପ୍ରକାଶ ପାଉଛି। ଏହାବାଦ ପୂର୍ବ ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ନିଯୁକ୍ତି ଉପରେ କୌଣସି ତଦନ୍ତ ମଧ୍ୟ ହୋଇ ପାରିନାହିଁ। ଶିଳ୍ପାନୁଷ୍ଠାନଗୁଡ଼ିକରେ ନିଯୁକ୍ତି ଉପରେ ରାଜ୍ୟ ସରକାରଙ୍କ ଶ୍ରମ ଓ ନିୟୋଜନ ବିଭାଗର କୌଣସି ନିୟନ୍ତ୍ରଣ ନାହିଁ। ଶିଳ୍ପାନୁଷ୍ଠାନଗୁଡ଼ିକ ସେମାନେ ଯୋଗାଇଥିବା ତଥ୍ୟକୁ ଯାଞ୍ଚ କରିବା ପାଇଁ ଶ୍ରମ ଓ ନିୟୋଜନ ବିଭାଗକୁ ଅନୁମତି ଦିଅନ୍ତି ନାହିଁ। ଓପନ ମାର୍କେଟରୁ ନିଯୁକ୍ତି ନାମରେ ଶିଳ୍ପାନୁଷ୍ଠାନଗୁଡ଼ିକ ମନମୁଖି କାରବାର ଚଳାଇଥିବାବେଳେ ଜିଲାର କୌଣସି ଶିଳ୍ପାନୁଷ୍ଠାନ ନିଯୁକ୍ତି ପାଇଁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରୁ ନାମ ମାଗନ୍ତି ନାହିଁ।

ଏ ସଂକ୍ରାନ୍ତରେ ଯାଜପୁର ଦକ୍ଷତା ବିକାଶ ଏବଂ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, କଳିଙ୍ଗନଗର ଶିଳ୍ପାନୁଷ୍ଠାନଗୁଡ଼ିକର କର୍ତ୍ତୃପକ୍ଷଙ୍କୁ ଏହି ମେଗା ନିଯୁକ୍ତି ମେଳାରେ ଭାଗ ନେବାକୁ ଅନୁରୋଧ କରିଥିଲୁ। କିନ୍ତୁ ସେମାନେ ଭେଣ୍ଡର ମାଧ୍ୟମରେ ନିଯୁକ୍ତି ଦିଆଯାଉଛି ବୋଲି କହି ପରୋକ୍ଷରେ ମନା କରି ଦେଇଥିଲେ।




**ସେଲ୍ଫି କର୍ନର ଧରିତ୍ରୀ DHARITRI**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ଲିପୁନ


@ ମନୋଜ


@ ପବିତ୍ର


@ ସୁବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୁବ ମହୋତ୍ସବ ଭାଇଚାରା ସୃଷ୍ଟି କରିଥାଏ


ଯୁବମହୋତ୍ସବର ୩ୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

ଯାଜପୁରରୋଡ୍,୧୦।୩
(ପବିତ୍ର ରଞ୍ଜନ ମହାନ୍ତି) :

**ଯାଜପୁର ଜିଲା ଯୁବମହୋତ୍ସବର ୩ୟ ସନ୍ଧ୍ୟା**

ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନ ଆନୁକୂଲ୍ୟରେ ଯାଜପୁର ଜିଲା ଯୁବମହୋତ୍ସବର ୩ୟ ସନ୍ଧ୍ୟା ଅକ୍ଷୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ଏମପି ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ ଭାଇଚାରା ସୃଷ୍ଟି କରିବା ସହ ଆମ ଜିଲାର କଳା ସାହିତ୍ୟ, ସଂସ୍କୃତିକୁ ସର୍ବଭାରତୀୟସ୍ତରରେ ପହଞ୍ଚାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ବନ୍ଦିତା ପରିଡ଼ା ମୁଖ୍ୟବକ୍ତା, ଅନନ୍ୟା ସାହିତ୍ୟ ସଂସଦ ସମ୍ପାଦକ ସନ୍ତୋଷ ନନ୍ଦ, ଫାଉଣ୍ଡେସନର କର୍ମକର୍ତ୍ତା ମୋହନ ଚରଣ ମଲ୍ଲିକ, ସୁଧାନିଧି ମହାପାତ୍ର, ଅଯୋଧ୍ୟା ଜେନା, ନିରଞ୍ଜନ ଘଡାଇ ପ୍ରମୁଖ ଯୋଗଦେଇ ଯୁବ ମହୋତ୍ସବର କାର୍ଯ୍ୟଧାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦିଲୀପ ଦାସ ଧନ୍ୟବାଦ ଦେଇଥିଲେ।

ଅପରାହ୍ନରେ ବ୍ଲକ ଓ ପୌରପରିଷଦସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶୁଭାରମ୍ଭ ହୋଇଥିଲା। ଏହାକୁ ସାମାଜିକ କର୍ମୀ ନରେଶ ମସ୍କରା ଉଦ୍‌ଘାଟନ କରିଥିଲେ। ମ୍ୟାଚ୍‌ରେ ବରୀ ବ୍ଲକକୁ ହରାଇ ଦାନଗଦି ବ୍ଲକ ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ରସୁଲପୁର ବ୍ଲକର ମହାଲକ୍ଷ୍ମୀ ଫୁଟବଲ କ୍ଲବକୁ ହରାଇ ସୁକିନ୍ଦାର ଶିବ ସୁନ୍ଦର ଫୁଟବଲ କ୍ଲବ ସେମିଫାଇନାଲରେ ପ୍ରବେଶ କରିଥିଲା। ସନ୍ଧ୍ୟାରେ ରସୁଲପୁର ବ୍ଲକର ପୀତାମ୍ବର ତରାଇ ଓ ସାଥିମାନଙ୍କ ଘୋଡ଼ା ନାଚ, ପ୍ରଶାନ୍ତ ମହାକୁଡ଼ ଓ ସାଥୀମାନଙ୍କ ଘୁମୁରା ନାଚ, ରଞ୍ଜନ କୁମାର ଦାସ ଓ ସାଥିମାନଙ୍କ ଲଉଡ଼ି ଖେଳ ଏବଂ ସୁକିନ୍ଦା ବ୍ଲକର କଳାବିକାଶ କେନ୍ଦ୍ରର ମୁଖ୍ୟ ମନୋରଞ୍ଜନ ଦାଶଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ଦାସଙ୍କ ଓଡିଶୀ, ଗ୍ରୁପ ଡ୍ୟାନ୍ସ, ଜୟଶ୍ରୀ ମହାନ୍ତଙ୍କ ସମ୍ବଲପୁରୀ, ଗ୍ରୁପ ଡ୍ୟାନ୍ସର ବାରମାସୀ ତେରପର୍ବ ଓ ମୋ ଓଡିଶୀ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ଦେଓ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଶ୍ୱିନୀ ଦାସ, ବିଭୁତି ଭୁଷଣ ପାଳ, ହେମନ୍ତ ଧୀର, ପ୍ରଶାନ୍ତ ରଥ, ଜ୍ଞାନରଞ୍ଜନ ରାଉତ, ବ୍ରଜେଶ୍ୱରୀ ସିଂ, ସରୋଜ ଦେ, ମଧୁସୂଦନ ମହାପାତ୍ର, ବିକାଶ ଦାସ, ଶ୍ୟାମଳେନ୍ଦୁ ପାତ୍ର, ଦାମୋଦର ପଣ୍ଡା, କୈଳାସ ରାଉତ, ପଦ୍ମନାଭ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବର ଆଜି ଯାଞ୍ଚ

## ବ୍ୟାସନଗର ପୌର ପରିଷଦ

ଯାଜପୁରରୋଡ୍,୧୦।୩(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌର ପରିଷଦ ଅଧ୍ୟକ୍ଷା ସଂଗୀତା ପିଙ୍ଗୁଆଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଦିଆଯାଇଥିବା ଅନାସ୍ଥା ପ୍ରସ୍ତାବର ଯାଞ୍ଚ ପାଇଁ ନିର୍ଦ୍ଦେଶ ହୋଇଛି। ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅନାସ୍ଥା ପ୍ରସ୍ତାବକୁ ଗ୍ରହଣ କରି କାଉନସିଲମାନଙ୍କ ଦସ୍ତଖତ ଯାଞ୍ଚ କରିବା ପାଇଁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ପତ୍ର ସଂଖ୍ୟା୮୭/୭-୩-୨୫ରେ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ନନ୍ଦ ଉକ୍ତ ନିର୍ଦ୍ଦେଶ ଅନୁଯାୟୀ କାଉନସିଲରମାନଙ୍କୁ ଚିଠି ମାଧ୍ୟମରେ ସୋମବାର ଅବଗତ କରିଛନ୍ତି। ଅନାସ୍ଥାରେ ଦସ୍ତଖତ କରିଥିବା ୧୧ କାଉନସିଲରଙ୍କୁ ମଙ୍ଗଳବାର ମଧ୍ୟାହ୍ନ ୧ଟା ସମୟରେ ଅତିରିକ୍ତ ଜିଲାପାଳଙ୍କ ପ୍ରକୋଷ୍ଠରେ ଉପସ୍ଥିତ ରହି ସେମାନଙ୍କ ଦସ୍ତଖତ ଯାଞ୍ଚ ପାଇଁ ସହଯୋଗ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଅନାସ୍ଥା ସପକ୍ଷରେ ଥିବା ସମସ୍ତ ୨୦ କାଉନସିଲର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ବୋଲି ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ସୂଚନା ଦେଇଛନ୍ତି। ଗତ ୬ ତାରିଖରେ ୧୧ଜଣ ବିଜେଡି କାଉନସିଲର ପୌର ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

# କୋର୍ଟ ବାର ଆସୋସିଏଶନର ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ଚଣ୍ଡିଖୋଲ,୧୦।୩
(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର ଯାଞ୍ଚ ପ୍ରକ୍ରିୟା ପରେ ପ୍ରାର୍ଥୀଙ୍କ ନାମ ନିର୍ବାଚନ ଅଧିକାରୀ ପ୍ରତାପ କୁମାର ଦାସ ଘୋଷଣା କରିଛନ୍ତି। ନିର୍ବାଚନରେ ସଭାପତି ପଦବୀ ପାଇଁ ଶରତ ଷଡ଼ଙ୍ଗୀ ଓ ସୁରେଶ ଚନ୍ଦ୍ର ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମ୍ପାଦକ ପଦବୀ ପାଇଁ ପ୍ରକାଶ ଦାସ ଓ ଉଦୟ ନାଥ ସାହୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉପସଭାପତି ପଦବୀ ପାଇଁ ୩ ଜଣ ପବିତ୍ର କର, ରାମଚନ୍ଦ୍ର ତ୍ରିପାଠୀ ଓ ଶ୍ରୀକାନ୍ତ ବଳ ନାମାଙ୍କନ ଦାଖଲ କରିଛନ୍ତି। କୋଷାଧ୍ୟକ୍ଷ ପାଇଁ ବାବାଜୀ ଚରଣ ସାମଲ ଓ ସୁରେଶ ଚନ୍ଦ୍ର ସାହାଣୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଯୁଗ୍ମସମ୍ପାଦକ ପଦବୀ ପାଇଁ ଶିରିଷ ସାମଲ, ସହସମ୍ପାଦକ କ୍ରୀଡ଼ା ପାଇଁ ତରୁଣ ବିଶ୍ୱାଳ, ସାଂସ୍କୃତିକ ସହସମ୍ପାଦକ ପାଇଁ ବୀରେନ ବିଶ୍ୱାଳ, ପାଠାଗାର ସହ ସମ୍ପାଦକ ପାଇଁ ଦୀନବନ୍ଧୁ ନାୟକ ନାମାଙ୍କନ ଦାଖଲ କରିଛନ୍ତି। ଏହି ୪ ପଦବୀ ପାଇଁ ଜଣେ ଜଣେ ପ୍ରାର୍ଥୀ ରହିଥିବାରୁ ସେଗୁଡ଼ିକ ନିର୍ବାଚନ ହେବନାହିଁ। କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଆଶିଷ ମହାପାତ୍ର, ବେବିନା ଓଝା, ବିଶ୍ୱରଞ୍ଜନ ବେହେରା, ଲକ୍ଷ୍ମୀପ୍ରିୟା କର ଓ ପ୍ରିୟଗୋବିନ୍ଦ ଦାସ ନାମାଙ୍କନ ଦାଖଲ କରିଛନ୍ତି। ଆସନ୍ତା ୨୯ ତାରିଖରେ ନିର୍ବାଚନ ହେବ ବୋଲି ନିର୍ବାଚନ ଅଧିକାରୀ ଦାସ ଓ ସହଯୋଗୀ ନିର୍ବାଚନ ଅଧିକାରୀ ମନ୍ମଥ କେଶରୀ ବଳ ସୂଚନା ଦେଇଛନ୍ତି।

# ବାଲି ପରିବହନ ବେଳେ ୨ ଟ୍ରାକ୍ଟର ଜବତ, ଚାଳକ ଗିରଫ

**ରସୁଲପୁର,୧୦।୩(ରଞ୍ଜିତ ରାଉତ):** କୁଆଖିଆ ଥାନା ଟିକର ପଞ୍ଚାୟତ ନିକଟ ଖରସ୍ରୋତା ନଦୀରୁ ବେଆଇନ ବାଲି ପରିବହନ ବେଳେ ପୋଲିସ ଚଢ଼ାଉ କରି ୨ ଟ୍ରାକ୍ଟର ଜବତ କରିବା ସହ ୨ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁରରୋଡ ଥାନା ଅନ୍ତର୍ଗତ ପହଙ୍ଗା ପଞ୍ଚାୟତର ପ୍ରଦୀପ ଦଳାଇ(୩୫) ଓ ବ୍ୟାସନଗର ପୌରାଞ୍ଚଳ ଖଣ୍ଡାହାତ ଗ୍ରାମ ଜଗନ୍ନାଥ ସାହିର ଲାଲାଟିଙ୍ଗ ହାଇବ୍ରୁ(୩୯)। ପୋଲିସ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକଙ୍କଠାରୁ କାଗଜପତ୍ର ଯାଞ୍ଚ କରିଥିଲା। ଚାଳକ ଦ୍ୱୟ କୌଣସି କାଗଜାତ୍ ପୋଲିସକୁ ଦେଖାଇ ପାରି ନ ଥିଲେ। ପରେ ପୋଲିସ ଟ୍ରାକ୍ଟର ଦୁଇଟିକୁ ଥାନାକୁ ଆଣି ଅଟକ ରଖିବା ସହ ଚାଳକଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ନଂ.୯୨/୨୫ ଓ ୯୩/୨୫ରେ ଦୁଇଟି ମାମଲା ରୁଜୁ ହୋଇଛି। ଏଏସଆଇ ମନୋଜ ପରିଡା ମାମଲାର ତଦନ୍ତ କରୁଛନ୍ତି।

# ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଇନ୍‌ସ୍ପାୟାର ମାନକ ପୁରସ୍କାର

**ଅଟୋମେଟିକ୍ ଭେହିକିଲ ଆକ୍ସିଡେଂୟଣ୍ଟ ଡିଟେକ୍ସନ ପ୍ରକଳ୍ପ ପ୍ରଶଂସିତ**

ରସୁଲପୁର,୧୦।୩(ରଞ୍ଜିତ ରାଉତ):

ଅଟୋମେଟିକ୍ ଭେହିକିଲ ଆକ୍ସିଡେଣ୍ଟ ଡିଟେକ୍ସନ ପ୍ରକଳ୍ପ ପାଇଁ ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସପ୍ତମ ଶ୍ରେଣୀ ଛାତ୍ରୀ ଆକାଂକ୍ଷା ବାରିକଙ୍କୁ ଇନ୍‌ସ୍ପାୟାର ମାନକ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମ୍ମାନ ସ୍ୱରୂପ ଛାତ୍ରୀଙ୍କୁ ଭାରତ ସରକାରଙ୍କ ପକ୍ଷରୁ ୧୦ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ ଛାତ୍ରୀ ଆକାଂକ୍ଷା ତାଙ୍କ ବାପା ବିଜ୍ଞାନ ଶିକ୍ଷକ ରଞ୍ଜନ ବାରିକ, ମା' ରେଣୁବାଳା ବାରିକ, ବିଦ୍ୟାଳୟ ପ୍ରଧାନଗୁରୁଜୀ ସଞ୍ଜୟ ମିଶ୍ରଙ୍କ ସମେତ ଅନ୍ୟ ଗୁରୁମାଗୁରୁଜୀଙ୍କ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି।

ଛାତ୍ରୀଙ୍କୁ ରବିବାର ଯାଜପୁରରୋଡ ସ୍ଥିତ ବ୍ୟାସନଗର ପୌରାଞ୍ଚଳରେ ସମ୍ମାନିତ କରାଯାଇଛି। ଏଏଫ୍‌ଏଫ୍‌ଏସ୍‌ଏ ଆନୁକୂଲ୍ୟରେ ବ୍ୟାସନଗରସ୍ଥିତ ସଂସ୍କୃତି ଭବନରେ ଆୟୋଜିତ ଗ୍ରିନୋଭେଟ୍ କନକ୍ଲେଭ୍-୨୦୨୫ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟସ୍ତରୀୟ ଗ୍ରୀନୋଭେଶନ ଆଇଡିଆ କମ୍ପିଟିଶନରେ ଛାତ୍ରୀ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ପୁରସ୍କୃତ ହୋଇପାରିଛନ୍ତି। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ଉତ୍ସବ ସନ୍ଧ୍ୟାରେ ଯାଜପୁର ପୂର୍ବତନ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ଛାତ୍ରୀ ଆକାଂକ୍ଷା ୨୦୨୦ରେ ଇସ୍ରୋ ସାଇବର ସ୍ପେସ୍ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମ୍ମାନିତ ହୋଇଥିଲେ। ଏଥିସହିତ ସଂକୁଳସ୍ତରୀୟ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନଅଧିକାର କରିସମ୍ମାନିତ ହୋଇଥିଲେ।


ଛାତ୍ରୀ ଆକାଂକ୍ଷା ବାରିକଙ୍କୁ ଇନ୍‌ସ୍ପାୟାର ମାନକ ପୁରସ୍କାର-୨୦୨୫ ପ୍ରଦାନ କରାଯାଉଛି

# ମହିଳାଙ୍କୁ ସମ୍ମାନ, ସୁରକ୍ଷା ଦାବିରେ କଂଗ୍ରେସର ବିକ୍ଷୋଭ

ଯାଜପୁର ଟାଉନ,୧୦।୩
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ମହିଳାଙ୍କୁ ସମ୍ମାନ, ସୁରକ୍ଷା ଦାବିରେ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ଆବାହକତ୍ୱରେ ଜିଲାର ଶତାଧିକ କର୍ମୀ ଓ ନେତୃମଣ୍ଡଳୀ ସ୍ଥାନୀୟ କିଆନାଳୀଛକଠାରୁ ଏକ ରାଲିରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦଳପକ୍ଷରୁ କୁହାଯାଇଛି, ୮ମାସର ଭାଜପା ସରକାରରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ମହିଳା ଏବଂ ଶିଶୁମାନଙ୍କ ଉପରେ କ୍ରମାଗତ ଅତ୍ୟାଚାର ବଢ଼ି ଚାଲିଛି। ବିଭିନ୍ନ ଜିଲାରେ ୧୬ଶହ ମହିଳା ଓ ନାବାଳିକା ବଳାତ୍କାର, ହତ୍ୟା, ଯୌନ ଉତ୍ପୀଡନ ଆଦି ଘଟଣା ମଧ୍ୟରୁ ୫୪ ବଳାତ୍କାର, ଗଣବଳାତ୍କାର ଓ ହତ୍ୟା ମାମଲା ବିଭିନ୍ନ ଥାନାରେ ପଞ୍ଜୀକୃତ ହୋଇଛି। ବାଲେଶ୍ୱର ଜିଲାର ୧୦ବର୍ଷୀୟା ବାଳିକାଙ୍କୁ ବଳାତ୍କାର ଓ ହତ୍ୟା, ୬୫ବର୍ଷୀୟ ବୃଦ୍ଧାଙ୍କୁ ବଳାତ୍କାର ଓ ହତ୍ୟା, ନୀଳଗିରି ବିଧାନସଭା କ୍ଷେତ୍ରରେ ଦୁଇ ଆଦିବାସୀ ମହିଳାଙ୍କୁ ଗଛରେ ବାନ୍ଧି ନିର୍ଯ୍ୟାତନା ଦିଆଯାଇଛି। ଢେଙ୍କାନାଳରେ ମହିଳାଙ୍କୁ ବଳାତ୍କାର, ଅନୁଗୋଳ ଜିଲା ପାଲଲହଡାରେ ମହିଳାଙ୍କୁ ଗଣବଳାତ୍କାର, ବରଗଡ ଧନୁଯାତ୍ରା ସମୟରେ ଯୁବତୀଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର, ଲକ୍ଷ୍ମୀପୁର ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର, ରାଉରକେଲାରେ ଜଣେ ମହିଳାଙ୍କୁ ଦୀର୍ଘ ଦିନ ଧରି ଗଣବଳାତ୍କାର, ରାଷ୍ଟ୍ରପତିଙ୍କ ନିଜ ଗ୍ରାମରେ ନାବାଳିକାଙ୍କୁ ବଳାତ୍କାର, ଯାଜପୁର ଜିଲା ବରୀ ଅଞ୍ଚଳରେ ମାଟ୍ରିକ ଛାତ୍ରୀ ମା' ହେବା ଘଟଣା, କନ୍ୟାଶ୍ରମରେ ନାବାଳିକା ଗର୍ଭବତୀ, କେନ୍ଦୁଝର ଜିଲାର ୬ଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଘଟଣା ଓଡ଼ିଶାର ସମ୍ମାନକୁ ଦେଶରେ ପଦାରେ ପକାଇଛି। ୨୦୨୩ରେ ରାଜ୍ୟରେ ୨୮୨୬,୨୦୨୪ରେ ୩୦୫୪ ବଳାତ୍କାର ମାମଲା ହୋଇଥିବା ବେଳେ ଏହାକୁ ନିଜେ ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଥିବା ଆଇଏନଟିୟୁସି ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ ସୂଚନା ଦେଇଛନ୍ତି। ଯାହାକି ମହିଳା ବିରୋଧୀ ହିଂସାରେ ଓଡିଶା ଏକ ନମ୍ବର ରାଜ୍ୟ ବୋଲି ଖୁଣ୍ଟିଆ କହିବା ସହିତ ମହିଳା ଓ ଶିଶୁଙ୍କ ପ୍ରତି ଘଟୁଥିବା ହିଂସା ପାଇଁ ଗୃହ ବିଭାଗ ଦାୟୀ ବୋଲି ଅଭିଯୋଗ କରିଛନ୍ତି। ଜିଲା ସଭାପତି ରାଉତ କହିଛନ୍ତି, ସାଧାରଣ ଲୋକଙ୍କୁ ସୁରକ୍ଷା ଓ ନ୍ୟାୟ ଦେବାପାଇଁ ଗାଣତନ୍ତ୍ରିକ ଉପାୟରେ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବ। ରାଜ୍ୟରେ ବର୍ତ୍ତମାନ କେତେ ମହିଳା ଓ ଶିଶୁ ନିଖୋଜ ଅଛନ୍ତି ତାହାର ଶ୍ୱେତପତ୍ର ସରକାର ଜାରି କରନ୍ତୁ ବୋଲି ରାଉତ ଦାବି କରିଛନ୍ତି। ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଯୋଗଦେଇ ଡବଲ ଇଞ୍ଜିନ ସରକାର ଶୁଭଦ୍ରା ଯୋଜନା ମାଧ୍ୟମରେ ମହିଳା ଭୋଟବ୍ୟାଙ୍କ ସୃଷ୍ଟି କରିବାରେ ବ୍ୟସ୍ତ ଥିବାବେଳେ ମହିଳା ଓ ଶିଶୁ ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦେଉନଥିବା ଅଭିଯୋଗ କରିଛନ୍ତି। ଆନ୍ଦୋଳନରେ ଅଜୟ ସାମଲ, କିଷାନ ପଣ୍ଡା, ବିଭୁ ଭୂଷଣ ରାଉତ, କନକଲତା ମଲ୍ଲିକ, ସନ୍ତୋଷ ନନ୍ଦ, ବିଷ୍ଣୁ ରାଉତ, ବିଦ୍ୟାଧର ମହାନ୍ତି, ଦିଗମ୍ବର କର, ଅଞ୍ଜଳ ଦାସ, ଆରତୀ ଦେଓ, ପଦ୍ମାକର ଗୁରୁ, ଅକ୍ଷୟ ଶତପଥୀ, ଅପୂର୍ବ ସାମଲ, ଅମ୍ବିକା ରାଉତ, ଶିଶିର ନାୟକ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ନାରାୟଣ ସାମନ୍ତ, ମିହିର ମିଶ୍ର, ମନୋରଞ୍ଜନ ଦାସ, ଦେବେନ୍ଦ୍ର ପଣ୍ଡା, ସଂଗ୍ରାମ ଜେନା, ଦେବେନ୍ଦ୍ର ପଣ୍ଡା, ବିନୋଦ ଆଚାର୍ଯ୍ୟ, ବିଶ୍ୱ ପ୍ରକାଶ ସାମଲ, କାଲୁଆ ରାଉତ, ଅରଜିତ ନାୟକ, ରାଜୀବ ମହାପାତ୍ର,ଅକ୍ଷୟ ଶତପଥୀ, ମାନସ କର ଓ ନିକୁଞ୍ଜ ସାମଲ ପ୍ରମୁଖଙ୍କ ସହ ହଜାରହଜାର ନେତୃବୃନ୍ଦ ଯୋଗ ଦେଇଥିଲେ।


ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

# ଗରିବୀକୁ ନେଇ ସଂଘର୍ଷ କରୁଛନ୍ତି ଅଧିକାଂଶ ଲୋକ

କେନ୍ଦ୍ରାପଡ଼ା, ୧୦।୩ (ଜଗନ୍ନାଥ ଧଳ)

- ୧୫୬ ବର୍ଷର କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି
- ଜମଧରରୁ ଜଜାଙ୍ଗ, ଗୋପରୁ ଓସ୍ତପୁର ପରିସୀମା ଦାବି
- ପୌରାଞ୍ଚଳର ୬୮ ପ୍ରତିଶତ ଶ୍ରମିକ ଶ୍ରେଣୀର

ମାର୍ଚ୍ଚ ୧୦ରେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଘୋଷଣାକୁ ୧୫୬ବର୍ଷ ପୂରଣ ହୋଇଛି। ଏହି ସମୟ ଅବଧି ମଧ୍ୟରେ ପୌରାଞ୍ଚଳର ସୀମାବୃଦ୍ଧି ଘଟିଛି। ସେହି ପରିମାଣରେ ଜନସଂଖ୍ୟା ବୃଦ୍ଧି ହୋଇଛି। ୬୮ ପ୍ରତିଶତ ଶ୍ରମିକ ରହୁଥିବା ଏହି ମ୍ୟୁନିସିପାଲିଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ମ୍ୟୁନିସିପାଲିଟିକୁ ଏକ ସ୍ୱତନ୍ତ୍ର ଜିଲା ପାହ୍ୟା ପରି ମାନ୍ୟତା ଥିଲେ ମଧ୍ୟ ଅଧିକାଂଶ ଲୋକ ଗରିବୀକୁ ନେଇ ସଂଘର୍ଷ କରୁଛନ୍ତି। ସେହିପରି ସହର ମଧ୍ୟରେ ଥିବା ବିଭିନ୍ନ ଐତିହ୍ୟସ୍ଥଳୀର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଅବହେଳାର ଶିକାର ହେଉଛି।

୧୮୬୯ ମସିହାରେ ଲର୍ଡ ମାୟୋଙ୍କ ଶାସନ ସମୟରେ କଲିକତା, ଓଡ଼ିଶା ଓ ବିହାର ପ୍ରେସିଡେନ୍ସି ମଧ୍ୟରେ ଥିବା କେନ୍ଦ୍ରାପଡ଼ାର ମାତ୍ର ୧୪ଟି ପଡ଼ାକୁ ନେଇ ଓଡ଼ିଶାର ପ୍ରଥମ ମ୍ୟୁନିସିପାଲିଟିର ମାନ୍ୟତା ମିଳିଥିଲା। ଏହି ଘୋଷଣା ପରେ ସ୍ଥାନୀୟ ଅଞ୍ଚଳର ସହରୀକରଣ ବ୍ୟବସ୍ଥା ଆରମ୍ଭ ହେଲା। ତତ୍କାଳୀନ ସମୟରେ ଇଂରେଜ ସରକାର ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଟ୍ୟାକ୍ସ ଆଦାୟକରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦିର ଉନ୍ନୟନ ବ୍ୟବସ୍ଥା କରିଥିଲେ। ମ୍ୟୁନିସିପାଲିଟି ମଧ୍ୟ ଦେଇ ପ୍ରବାହିତ ମଧୁସାଗରର ପାଣି ଜନଜୀବନକୁ ବଞ୍ଚାଇ ରଖିଥିଲା। ଇତିମଧ୍ୟରେ ମଧୁସାଗରରେ ଜଳ ପ୍ରବାହ ବନ୍ଦ ହୋଇଛି। ଏହାର ପାଣି ନିଷ୍କାସନ ପଥ ଉପରେ ବାସଗୃହ ନିର୍ମାଣ ହେଉଥିବାବେଳେ ସହର ମଧ୍ୟରେ ଥିବା ଗୋବରୀ ନଦୀ ଓ କେନାଲ ଏବେ ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇ ପରିବେଶ ଦୂଷିତ କରିଛି। ସେହିପରି ମଧୁସାଗରର କେତେକ ଅଂଶ ଅଳିଆ ଓ ଦଳ ଭର୍ତ୍ତି ହୋଇ ମଶା ମାଛିଙ୍କ ଜନ୍ମସ୍ଥଳୀ ପାଲଟିଛି। ରାସ୍ତା ଜବରଦଖଲରେ ରହୁଥିବାରୁ ସ୍ୱରେଜ ସିଷ୍ଟମ ପ୍ରତି ଅଣଦେଖା ହେଉଛି। ବିଜୁ ପଟ୍ଟନାୟକ ପାର୍କ ବଣବୁଦାରେ ପରିଣତ ହୋଇଥିବା ବେଳେ ଟ୍ରାଫିକ୍ ସମସ୍ୟା ଗୁରୁତର ଅଛି। ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ, ବିଦ୍ୟୁତ୍ ଟ୍ରାନ୍ସଫର୍ମର, ବୁଲା ଗୋରୁ, ଭେଣ୍ଡିଂ ଜୋନ୍ ସହିତ ପୌରବାସୀ ବିଭିନ୍ନ ସମସ୍ୟାରେ ପଡ଼ିଛନ୍ତି। ସହରର ପରିକଳ୍ପନାରେ ସାଂସ୍କୃତିକ ଓ ଐତିହ୍ୟ ବିଭବକୁ ଗୁରୁତ୍ୱ ଦିଆଯାଇଥାଏ। ମାତ୍ର ଏହି ମ୍ୟୁନିସିପାଲିଟିରେ ଏହାକୁ ଗୁରୁତ୍ୱାରୋପ ବଦଳରେ ଅବହେଳା କରାଯାଉଛି। ରାଜ୍ୟ ପର୍ଯ୍ୟଟନସ୍ଥଳୀ ଶ୍ରୀବଳଦେବଜୀଉ ମନ୍ଦିର, ସୂର୍ଯ୍ୟଘଡ଼ି ସହିତ ୧୫୦ ବର୍ଷ ପୂର୍ବର ଡାଇମଣ୍ଡ ଜୁବିଲି ପାଠାଗାର ପର୍ଯ୍ୟନ୍ତ ଅବହେଳାର ଶିକାର ହୋଇଛି। ତଥ୍ୟ ଅନୁଯାୟୀ, ପ୍ରାୟ ୧୧ ବର୍ଗକି.ମି. ଅଞ୍ଚଳରେ ଥିବା ଏହି ମ୍ୟୁନିସିପାଲିଟିରେ ୨୧ ୱାର୍ଡ ଅଛି। ୨୦୧୧ ଜନଗଣନା ସମୟରେ ୪୭ ହଜାର ବାସିନ୍ଦା ଥିବା ବେଳେ ୨୦୨୫ସୁଦ୍ଧା ଏହି ସଂଖ୍ୟା ୮୦ ହଜାରରୁ ଊର୍ଦ୍ଧ୍ୱ ହୋଇଛି। ତତ୍କାଳୀନ ଜନଗଣନା ସମୟରେ ସହର ମଧ୍ୟରେ ହିନ୍ଦୁ ଧର୍ମାଲମ୍ବୀ ୬୭.୯୭ ପ୍ରତିଶତ, ମୁସଲମାନ ସମ୍ପ୍ରଦାୟ ୩୧.୬୩ ପ୍ରତିଶତ ଓ ଅନ୍ୟାନ୍ୟ ୦.୪ ପ୍ରତିଶତ ଥିଲେ। ପୌରବାସୀଙ୍କ ମଧ୍ୟରୁ ମାତ୍ର ୩୧.୭ ପ୍ରତିଶତ କର୍ମସଂସ୍ଥାନରେ ନିୟୋଜିତ ଥିବା ବେଳେ ଅବଶିଷ୍ଟ ଗରିବୀ ସୀମାରେଖା ତଳ ଅଛନ୍ତି। କର୍ମଜୀବୀ ମହିଳାଙ୍କ ସଂଖ୍ୟା ମାତ୍ର ୮.୯ ପ୍ରତିଶତ ଥିବା ଏହି ତଥ୍ୟରୁ ମିଳିଛି। ସହର ମଧ୍ୟରେ ଗୋଟିଏ ମଧ୍ୟ ଶିଳ୍ପ ସଂସ୍ଥା ନାହିଁ। ସେହିପରି ଐତିହ୍ୟସ୍ଥଳୀର ସୁରକ୍ଷା ସହ ଜିଲା ମଧ୍ୟରେ ଥିବା ଐତିହ୍ୟ ସମ୍ପଦର ସୁରକ୍ଷା ପାଇଁ ଏକ ମ୍ୟୁଜିୟମର ଦାବି ବହୁବାର ହୋଇଛି। ଦ୍ରୁତବୃଦ୍ଧିରେ ଥିବା ସହରର ପରିସୀମା ଏବେ ଜମଧରରୁ ଜଜାଙ୍ଗ, ଗୋପରୁ ଓସ୍ତପୁର ପର୍ଯ୍ୟନ୍ତ ଅଛି। ଏହାକୁ ପୌରାଞ୍ଚଳ ମଧ୍ୟରେ ସାମିଲ ହେଲେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିବ। ଫଳରେ ସହରର ଉନ୍ନତୀକରଣ ପାଇଁ ସିଟି ହସ୍ପିଟାଲ, ସ୍ୱେରେଜ ସିଷ୍ଟମ, ଟ୍ରାଫିକ୍ ବ୍ୟବସ୍ଥା, ପାନୀୟ ଜଳ ଆବଶ୍ୟକତା ପଡିବ। ପ୍ରଶାସକ ଓ ପୌରାଞ୍ଚଳ ପରିଷଦ ତତ୍ପର ହେବା ଆବଶ୍ୟକ। ଏ ସମ୍ପର୍କରେ ପୌରାଧକ୍ଷା ସରିତା ସାହୁଙ୍କୁ ପଚାରିବାରେ ପୌରାଞ୍ଚଳର ବିକାଶ ପାଇଁ ପୌର ପରିଷଦ ବିଶେଷ ଧ୍ୟାନ ଦେଉଛନ୍ତି। ଗତ ୩ ବର୍ଷ ମଧ୍ୟରେ ସହର ମଧ୍ୟରେ ବହୁ ଉନ୍ନୟନ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।



କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ତୋରଣ।

## ପାୟଲ ମ୍ୟୁଜିକ ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୦।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରସ୍ଥ ପଞ୍ଚକଳା ଶିକ୍ଷାନୁଷ୍ଠାନ ପାୟଲ ମ୍ୟୁଜିକ୍ ସ୍କୁଲର ଦୁଇଦିନିଆ ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ପ୍ରଣବ ଜେନା ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଗଣେଶ୍ୱର ବେହେରା, ନୃତ୍ୟଗୁରୁ ଗଜେନ୍ଦ୍ର କୁମାର ପଣ୍ଡା, ଜିଲା ପରିଷଦ ସଭାପତି ଲିଲିତା ଦାସ, ସଙ୍ଗୀତ ଗୁରୁ ପ୍ରଶାନ୍ତ କୁମାର ସାମଲ, କଣ୍ଠଶିଳ୍ପୀ ସଙ୍ଗୀତା ପଣ୍ଡା, ଚିତ୍ରଶିଳ୍ପୀ କଳିଙ୍ଗ କେଶରୀ ନାୟକ, ସଙ୍ଗୀତ ଗୁରୁ ସର୍ବାଣୀ ରାଉତ,ସରପଞ୍ଚ ପ୍ରଦୀପ ରଞ୍ଜନ ସୁତାର, ସମିତିସଭ୍ୟା ସୁନନ୍ଦା ମଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଗ୍ରାମାଞ୍ଚଳର କଳା ଅନୁଷ୍ଠାନରେ ପ୍ରତିଭା ଉନ୍ମେଷିତ ହୋଇଥାଏ ବୋଲି ମତ ଦେଇଥିଲେ। ସେହିପରି ଶିକ୍ଷାବିତ୍ ନୀଳମାଧବ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଏଡିଏମ୍ ନିଲୁ ମହାପାତ୍ର, ପ୍ରଫେସର ଚାରୁଚନ୍ଦ୍ର ହାଜରା, ଜିଲା ପରିଷଦ ସଭାପତି ଦାସ, ଶତ୍ରୁଘ୍ନ ଦାସ, କଣ୍ଠଶିଳ୍ପୀ ସ୍ୱାଧୀନବାଳା ନାୟକ, ଶିକ୍ଷାବିତ୍ ସୁନନ୍ଦା ସିଂହ, ସାମାଜିକ କର୍ମୀ ପ୍ରମୋଦ କୁମାର ପତି ଯୋଗଦେଇ ପୁରାତନଠାରୁ ସାମ୍ପ୍ରତିକ ସଙ୍ଗୀତ କଳାର କ୍ରମ ବିକାଶ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ, ସଞ୍ଜୟ କୁମାର ନାୟକ, ମିଲନ୍ କୁମାର ଜେନା, ହେମନ୍ତ କୁମାର ସେଠୀ ଅନୁଷ୍ଠାନର ସମସ୍ତ ଗୁରୁ ଓ ଛାତ୍ରୀଛାତ୍ର ଉତ୍ସବକୁ ପରିଚାଳନା କରିଥିଲେ।



ପିଲାଙ୍କ ଗହଣରେ ଉତ୍ସବରେ ମଞ୍ଚାସୀନ ଅତିଥି।

## ଏସ୍‌ଏଚ୍‌ଜି ସଭ୍ୟାଙ୍କୁ ଶାଢ଼ି ଅର୍ଥ ବଣ୍ଟନରେ ଅବହେଳା


ବ୍ଲକ କାର୍ଯ୍ୟାଳୟରେ ଏସଏଚଜିର ମହିଳାମାନେ ଧାରଣା ଦେଇଛନ୍ତି।

ପଟ୍ଟାମୁଣ୍ଡାଇ, ୧୦।୩ (କଳ୍ପତରୁ ନାୟକ)

### ବିଡିଓଙ୍କ ନିକଟରେ ଅଭିଯୋଗ

ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲାଗି ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ମାଧ୍ୟମରେ ବିଭିନ୍ନ ସହାୟତା ପ୍ରଦାନ କରାଯାଉଛି। ଏହାଦ୍ୱାରା ଗାଁଠାରୁ ଆରମ୍ଭ କରି ସହରାଞ୍ଚଳର ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏପରିକି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଭ୍ୟାଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏସ୍‌ଏଚ୍‌ଜି ସଭ୍ୟାଙ୍କୁ ଅବହେଳା କରାଯାଉଥିବା ବିଡିଓଙ୍କୁ ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ କେତେକ ଏସ୍‌ଏଚ୍‌ଜିକୁ ଶାଢ଼ି ଅର୍ଥ ପ୍ରଦାନ କରାଯାଇଥିବା ବେଳେ ଅନ୍ୟଗୁଡ଼ିକୁ ମିଳିନାହିଁ। ଏ ନେଇ ସୋମବାର ବ୍ଲକର ଖଡ଼ିଅଣ୍ଟା ପଞ୍ଚାୟତର ଥିବା ଏସ୍‌ଏଚ୍‌ଜିର ଶତାଧିକ ମହିଳା ବ୍ଲକ ବାରଣ୍ଡାରେ ଏକତ୍ରିତ ହୋଇ ଧାରଣା ଦେଇଥିଲେ।

ସେମାନଙ୍କ କହିବା ଅନୁଯାୟୀ, ସରକାର ୨୦୨୪ ଜୁନ୍‌ରେ ପ୍ରତ୍ୟେକ ମିଶନ ଶକ୍ତି ମହିଳାମାନଙ୍କୁ ଶାଢ଼ି ଅର୍ଥ ପ୍ରଦାନ କରିଥିଲେ। ଯାହାକୁ ନେଇ ଏସ୍‌ଏଚ୍‌ଜି ମହିଳାମାନେ ଖୁସି ପ୍ରକାଶ କରିଥିଲେ। କିନ୍ତୁ ୯ ମାସ ବିତିଥିବାବେଳେ ଏଯାଏ ଖଡିଅଣ୍ଟା ପଞ୍ଚାୟତରେ ଥିବା ଏସ୍‌ଏଚ୍‌ଜି ସଭ୍ୟାଙ୍କୁ ଶାଢ଼ି ଅର୍ଥ ଦିଆଯାଇନାହିଁ। ଏ ନେଇ ବ୍ଲକ୍ ମିଶନ ଶକ୍ତି ଅଧିକାରୀ ଓ ତତ୍କାଳୀନ ବିଡିଓଙ୍କୁ ଜଣାଇଥିଲେ ମଧ୍ୟ କିଛି ଫଳପ୍ରଦ ହେଲାନାହିଁ। ଖାଲି ବଳକା ଥିବା ସଭ୍ୟାମାନଙ୍କୁ ଶାଢ଼ି ଅର୍ଥ ପ୍ରଦାନ କରାଯିବ ବୋଲି ମିଶନ ଶକ୍ତି ବିପିସି ପ୍ରଭୁ ଧବଳେଶ୍ୱର ବରାଳ ଉତ୍ତର ଦେଇଥିଲେ। ହେଲେ ସେନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ସୋମବାର ଖଡିଅଣ୍ଟା ପଞ୍ଚାୟତରେ ଥିବା ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳାମାନେ ଏକତ୍ରିତ ହୋଇ ଧାରଣ ଦେଇଥିଲେ। ଏହି ଧାରଣାରେ ମଶନ ଶକ୍ତି ସଭ୍ୟା ସୁଚିତ୍ରା ରାଉତ, ପ୍ରମିଳା ବିଶ୍ୱାଳ, ମିନତି ଦାଶ, ବିଭାସିନୀ ସାମଲ, ଶାନ୍ତିଲତା ଦାସ, ସଂଯୁକ୍ତା ସାମଲ, ପ୍ରଭାତୀ ପରିଡ଼ା, ଅଳିଭା ସାମଲ, ଡଲି ଦାସ, ରୀନା ରାଉତଙ୍କ ସମେତ ବହୁ ମଶନ ଶକ୍ତି ମହିଳା ଗୋଷ୍ଠୀ ସଭ୍ୟା ସାମିଲ ହୋଇଥିଲେ। ଏ ନେଇ ଭାରପ୍ରାପ୍ତ ବିଡିଓ ଅଶୋକ ମହାନ୍ତିଙ୍କୁ ପଚାରିବାରେ ବିଭାଗୀୟ ଅଧିକାରୀଙ୍କ ନିକଟରୁ ଯାହା ବୁଝାଯାଇଛି ସେମାନେ ଆଗରୁ କୌଣସି ଅଭିଯୋଗ କରିନାହାନ୍ତି। ଅଭିଯୋଗ ଆସିଛି ତଦନ୍ତ ପରେ ଯଦି ଭୁଲ୍ ନଜରକୁ ଆସେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଗାଡ଼ି ଅଟକାଇ ଆକ୍ରମଣ: ନେଇଗଲେ ସୁନା ହାର, ଚେନ, ଟଙ୍କା

ରାଜକନିକା, ୧୦।୩(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅନ୍ତର୍ଗତ ଓଲାଭରରୁ ରାଜକନିକା ରାସ୍ତାରେ ୮ତାରିଖରେ ଗାଡ଼ି ଅଟକାଇ ମରଣାନ୍ତକ ଆକ୍ରମଣ କରିବା ସହ ସୁନା ହାର, ଚେନ ଓ ଟଙ୍କା ଦୁର୍ବୃତ୍ତ ଛଡାଇ ନେଇଛନ୍ତି। ଏ ନେଇ ପ୍ରେମଲତା ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ୮ତାରିଖରେ ପ୍ରେମଲତା ତାଙ୍କ ସ୍ୱାମୀ, ୨ପୁଅ ଓ ବୋହୂଙ୍କ ସହ ଆରଡ଼ି ଆଖଣ୍ଡଳମଣି ଦର୍ଶନ ସାରି ଫେରୁଥିବା ଓଲାଭର ସରକାରୀ ଆଇଟିଆଇ ସମ୍ମୁଖ ରାସ୍ତାରେ ଅପରାହ୍ନ ୪ଟାରେ ୨ଜଣ ଦୁର୍ବୃତ୍ତ ଗାଡ଼ିକୁ ଅଟକାଇ ଥିଲେ। ଡ୍ରାଇଭର କ'ଣ ହେଲା ବୋଲି ପଚାରିବା କ୍ଷଣି ଗାଡ଼ିରେ ଲାଗିଥିବା ଚାବିକୁ ଜଣେ ଦାଢ଼ି ରଖିଥିବା ଦୁର୍ବୃତ୍ତ କାଢି ନେଇଥିଲେ। ଡ୍ରାଇଭର ସିଟ୍‌ରୁ ଓହ୍ଲାଇ ପ୍ରତିବାଦ କରିବାରୁ ମାଡ଼ମାରି ମାରଣାସ୍ତ୍ର ଦେଖାଇ ଜୀବନରୁ ମାରି ଦେବାକୁ ଧମକ ଦେଇ ବେକ୍‌ରେ ଥିବା ସୁନା ଚେନକୁ ନେଇଯାଇଥିଲେ। ଅନ୍ୟଜଣେ ଦୁର୍ବୃତ୍ତ ବୋହୂ ବେକରେ ଥିବା ସୁନାହାର ଛିଡାଇ ନେଇ ମୋତେ ଟଣାଓଟରା କରିଥିଲା। ଏହାର ଭିଡିଓ ପୁଅ ମୋବାଇଲ ଫୋନରେ ଉତ୍ତୋଳନ କରିବା ଦେଖି ଦୁର୍ବୃତ୍ତ ଜଣକ ପୁଅ ହାତରୁ ଛଡ଼ାଇ ରାସ୍ତାରେ ଛେଚି ଭାଙ୍ଗି ଦେଇଥିଲେ। ପରେ ପୁଅକୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ୱାମୀ ଓ ସାନପୁଅ ପ୍ରତିବାଦ କରିବାରୁ ଆମକୁ ଚିହ୍ନିଛ କହି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପାଖ ଗାଁର କେତେଜଣ ଯୁବକ ସେଠାରେ ପହଞ୍ଚି ସେମାନଙ୍କୁ ସାହାଯ୍ୟ କରି ମୋ ପର୍ସରେ ଥିବା ୮ରୁ ୯ ହଜାର ଟଙ୍କା ନେଇଯାଇଥିଲେ। ବୋହୂ ଥାନାକୁ ଫୋନ କରିବାରୁ ସମସ୍ତେ ଦୌଡି ପଳାଇ ଥିଲେ। ସେମାନେ ଏକ ବାଇକ୍ (ଓଡି ୨୯ ୯୨୬୬)କୁ ରାସ୍ତାରେ ଛାଡ଼ି ଚାଲି ଯାଇଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ପୋଲିସ ଘଟଣାକୁ ଗୁରୁତର ସହ ନେଇ ନଂ. ୧୨୮/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି।

## ନଦୀବନ୍ଧରୁ ୫୦ ଫୁଟର ଅତଡ଼ା ଧସିଲା

### ବିପଦରେ ୫ ଗାଁର ଲୋକେ

ରାଜନଗର, ୧୦।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍‌ରେ ପ୍ରବାହିତ ହଂସୁଆ ନଦୀ ଉଗ୍ର ହେବାରେ ଲାଗିଛି। ଫଳରେ ଅଞ୍ଚଳର ସୁରକ୍ଷା କବଚ କେରଡାଗଡ- ଅଳତାଙ୍ଗ ଲୁଣା ଘେରି ବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ଲୁଣା ଘେରି ବନ୍ଧର ଜଗନ୍ନାଥପୁର ଗାଁ ନିକଟ ତାମୁଳିଆଠାରେ ୫୦ ଫୁଟର ଅତଡ଼ା ହଂସୁଆ ନଦୀ ଗର୍ଭକୁ ଧସି ପଡିଛି। ହଂସୁଆ ନଦୀର ପ୍ରଖର ସ୍ରୋତ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅତଡ଼ା ଖସିବା ଯୋଗୁ ଶହ ଶହ ହେକ୍ଟର ଚାଷଜମିରେ ଲୁଣାଜଳ ପ୍ରବେଶ କରିବାର ସମ୍ଭାବନା ଦେଖାଦେଇଛି। ଫଳରେ ଜଗନ୍ନାଥପୁର,



ଗଜନପୁର, ନରଣପୁର, ବଡକୋଟ ଆଦି ଗ୍ରାମ ପ୍ରତି ବିପଦ ସୃଷ୍ଟି ହୋଇଛି। ଅତଡ଼ା ଧସିଥିବା ସ୍ଥାନରେ ତଟବନ୍ଧରେ ପଥର ସ୍ପର ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସହକାରୀ ଯନ୍ତ୍ରୀ ଭଞ୍ଜକିଶୋର ରାଉତଙ୍କୁ ପଚାରିବାରୁ କେରଡ଼ାଗଡ଼- ଅଳତାଙ୍ଗ ଲୁଣା ଘେରି ବନ୍ଧର ଜଗନ୍ନାଥପୁର ଗାଁ ନିକଟ ତାମୁଳିଆଠାରେ ୫୦ ଫୁଟର ଅତଡା ହଂସୁଆ ନଦୀ ଗର୍ଭକୁ ଧସି ପଡିଛି। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଛି। ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଶ୍ମଶାନ ଜମିରେ ଘର ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ରାଜନଗର, ୧୦। ୩(ଭାସ୍କର ରାଉତରାୟ)

ରାଜନଗର ଥାନା ଭିତରଗଡ଼ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗାଁର ଶ୍ମଶାନ ଜମିରେ ବ୍ୟକ୍ତିଗତ ଘର ନିର୍ମାଣକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀ ରାଜନଗର ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗାଁର ଖାତା ନଂ. ୧୩୩ , ପ୍ଲଟ୍ ନଂ. ୬୩ରେ ୧ ଏକର ୧୩ ଡିସିମିଲ ଶ୍ମଶାନ ଜମି ରହିଛି। ଜମିରେ ପଞ୍ଚାୟତ ପକ୍ଷରୁ ଶ୍ମଶାନ ଘର ଓ ପୁଷ୍କରିଣୀ ନିର୍ମାଣ ହୋଇଛି। ଜମିରେ ଥିବା ରାସ୍ତାକୁ ଅବରୋଧ କରି ଗାଁର ଜଣେ ବ୍ୟକ୍ତି ଘର ନିର୍ମାଣ କରୁଛନ୍ତି। ଗ୍ରାମବାସୀ ମନା କଲେ ସେ ଶୁଣୁନାହାନ୍ତି। ତୁରନ୍ତ ଶ୍ମଶାନ ଜମିରୁ ବେଆଇନ ନିର୍ମାଣକୁ ବନ୍ଦ କରିବାକୁ ଗ୍ରାମବାସୀ ତହସିଲରେ ଅଭିଯୋଗ କରିଛନ୍ତି।

# କୁଶାସନ ପରେ ଏବେ ଦୁଃଶାସନର ଶାସନ ଚାଲିଛି

କେନ୍ଦ୍ରାପଡ଼ା, ୧୦।୩ (ଜଗନ୍ନାଥ ଧଳ)

### ଜିଲା କଂଗ୍ରେସର ପ୍ରତିବାଦ ସଭା

ସାଧାରଣ ନିର୍ବାଚନ ପରେ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ରାଜନୈତିକ କାର୍ଯ୍ୟକ୍ରମକୁ ଫେରିଛି। ନାରୀ ସୁରକ୍ଷା ସ୍ଲୋଗାନରେ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ବରିଷ୍ଠ ନେତା ପ୍ରଫୁଲ୍ଲ ଦାସଙ୍କ ସଂଯୋଜନାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଏକ ପ୍ରତିବାଦ ସଭା କରିଛି। ରାଜ୍ୟରେ ବଢ଼ି ଚାଲିଥିବା ନାରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଉଠାଇ ୨୪ ବର୍ଷର କୁଶାସନ ପରେ ଏବେ ଦୁଃଶାସନର ଶାସନ ଚାଲିଥିବା ନେତାମାନେ ବକ୍ତବ୍ୟ ରଖିଛନ୍ତି। ସଭାରେ ଦେବେନ୍ଦ୍ର ଶର୍ମା, ସିପ୍ରା ମଲ୍ଲିକ, ଅଶୋକ ପ୍ରତିହାରୀ, ରତିକାନ୍ତ କାନୁନ୍‌ଗୋ, ଦେବସ୍ମିତା ଶର୍ମା, ହଳଧର ସେଠୀ, ଭାଗୀରଥି ଜେନା, ବିଧୂ ଭୂଷଣ ମହାପାତ୍ର, ଫକୀର ଚରଣ ଖଟୁଆ, ସୟଦ ଅବଦୁଲ୍ ସତାର, ସଞ୍ଜୟ ରାଉତ, ସସ୍ମିତା ପଣ୍ଡା, ରଶ୍ମିରଞ୍ଜନ ଚୌଧୁରୀ, ବିଶ୍ୱଭୂଷଣ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ, ରାଜ୍ୟରେ ମହିଳା ସୁରକ୍ଷା ବିପଦଜନକ ସ୍ଥିତିରେ ରହିଛି। ଭାଜପା ସରକାରର ୩ ଶହ ଦିନ ପୂରିନାହିଁ। ଇତିମଧ୍ୟରେ ସର୍ବାଧିକ ୫୪ଟି ଗଣବଳାତ୍କାର ଘଟଣା ପଞ୍ଜୀକୃତ ହୋଇ ସାରିଛି। ଏହି ସରକାର ସମୟରେ ସ୍କୁଲର ନାବାଳିକା ଗର୍ଭବତୀ ହେବା, ସନ୍ତାନ ପ୍ରସବ କରିବା, ବଳାତ୍କାର ମାମଲା ନିତିଦିନିଆ ଘଟଣା ହୋଇଛି। ବିଜେଡିର ଦୀର୍ଘ ୨୪ବର୍ଷ ମଧ୍ୟରେ ବହୁ ମହିଳାଙ୍କ ପ୍ରତି ଅମାନବୀୟ କାର୍ଯ୍ୟ ହୋଇଛି। ବିଜେଡିର କୁଶାସନ ହଟିଥିବା ବେଳେ ଏବେ ଦୁଃଶାସନ ଚାଲିଛି ବୋଲି ମଧ୍ୟ ନେତାମାନେ ବକ୍ତବ୍ୟ ରଖିଥିଲେ। ସଭାପୂର୍ବରୁ ସହରର କଜଳାସ୍ଥିତ କଂଗ୍ରେସ ଭବନଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲି ବାହାରି ଥିଲା।



ସଭାରେ ଯୋଗ ଦେଇଥିବା କଂଗ୍ରେସ ଦଳର ନେତା ଓ କର୍ମୀମାନେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲିପୁନ


@ ମନୋଜ


@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲାପାଳ, ଏସ୍‌ପିଙ୍କ ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି


ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ରାଜକନିକା, ୧୦।୩(ରବୀନ୍ଦ୍ର କୁମାର ଦାସ )

ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କ ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୬ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ୧୮ଟି ସାମୂହିକ ଓ ୬୮ଟି ବ୍ୟକ୍ତିଗତଥିଲା। ରାଜକନିକା ବ୍ଲକର ୨୯ଟି ପଞ୍ଚାୟତ ମଧ୍ୟରୁ ଦ୍ୱିତୀୟ ବଳରାମପୁର ପଞ୍ଚାୟତରେ ଅନୁଷ୍ଠିତ ଜନ ଶୁଣାଣିରେ କେନ୍ଦ୍ରାପଡ଼ା ଜିଲାପାଳ ଅନୁପସ୍ଥିତ ଥିବାରୁ ଜିଲା ମୁଖ୍ୟ କାଯ୍ୟନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପ ଜିଲାପାଳ ଅରୁଣ କୁମାର ନାୟକ, ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲାପାଳ ନିଲୁ ମାହାପାତ୍ର, ଡେପୁଟି କଲେକ୍ଟର ରବିନାରାୟଣ ଆଚାର୍ଯ୍ୟ, ବଳରାମପୁର ପଞ୍ଚାୟତର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା, ରାଜକନିକା ବିଡିଓ କୈଳାସ ଚନ୍ଦ୍ର ମହାଳିକ, କନିକା ତହସିଲଦାର ଅଶୋକ କୁମାର ଦେହୁରୀଙ୍କ ସମେତ ଜିଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ଅଭିଯୋଗକାରୀଙ୍କ ନିମନ୍ତେ ମୁଖ୍ୟ ଅଧିକାରୀଙ୍କ ସମ୍ମୁଖରେ ବସି କରି ନିଜର ଅଭିଯୋଗ ପତ୍ର ଦେବା ପାଇଁ ଚେୟାର ବ୍ୟବସ୍ଥା ସହିତ ପାନୀୟଜଳ ଓ ଟେଣ୍ଟର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଥିଲା। ତେବେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାଶନ ବ୍ୟବସ୍ଥା, ଜମିବାଡ଼ି ବିବାଦୀୟ, ପୋଲିସ ବ୍ୟବସ୍ଥା ଉପରେ ଅଧିକ ଅଭିଯୋଗ କରାଯାଇଥିବା ସୂଚନା ରହିଛି।

## ଛାତ୍ରୀଛାତ୍ରଙ୍କ ପକ୍ଷରୁ ପେଣ୍ଠ ବେଳାଭୂମି ସଫେଇ


ଛାତ୍ରୀଛାତ୍ରମାନେ ପେଣ୍ଠ ବେଳାଭୂମି ସଫେଇ କରୁଛନ୍ତି।

ରାଜନଗର, ୧୦।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍ ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପକ୍ଷରୁ ଜାତୀୟ ଉଦ୍ୟାନର ପେଣ୍ଠ ବେଳାଭୂମି ସଫେଇ କରାଯାଇଛି। ପେଣ୍ଠ ବେଳାଭୂମିର ଦୋବନ୍ଧୀଠାରୁ ବରୁଣେଇ ମୁହାଣ ପର୍ଯ୍ୟନ୍ତ ପଡ଼ିଥିବା ଅଳିଆ, ପ୍ଲାଷ୍ଟିକ ବୋତଲ, ପଲିଥିନ ଆଦି ବର୍ଜ୍ୟବସ୍ତୁକୁ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ସଫେଇ କରିଛନ୍ତି। ପରେ ଏହି ବର୍ଜ୍ୟବସ୍ତୁକୁ ଗାତ ଖୋଳି ପୋତିଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଇକୋ କ୍ଲବର ଶିକ୍ଷକ ସେକ ନିଏମାତୁଲା, ଅବସର ପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ରାଉତଙ୍କ ତତ୍ତ୍ୱାଧାନରେ ଛାତ୍ରୀଛାତ୍ରମାନେ ପେଣ୍ଠରେ ଚାଲିଥିବା ତଣ୍ଡାଯଜ୍ଞ ସ୍ଥଳର ଚାରିପଟ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ପଲାଇ, ଅମିତା ରାଉତ,ପିଙ୍କିନା ଦାସ ପ୍ରମୁଖ ପରିଚାଳନା କରିଥିଲେ। ପିଲାମାନେ ପର୍ଯ୍ୟଟକମାନଙ୍କୁ ବାୟୁ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ଅଳିଆ ଆବର୍ଜନା ବେଳାଭୂମିରେ ନ ପକାଇବାକୁ ବୁଝାଇବା ସହ ସଫା ରଖିବାକୁ ସଚେତନତା କରିଥିଲେ।

# ଜେଲ ଗଲେ ଆନ୍ତଃ ଜିଲା ମନ୍ଦିର ଚୋରି ଅଭିଯୁକ୍ତ




ମନ୍ଦିରରୁ ଚୋରି କରିବା ବେଳେ ସିସିଟିଭିରେ କଏଦ ହୋଇଥିବା ଅଭିଯୁକ୍ତ ସୁଶାନ୍ତ କର୍ମୀ । ଖବରଦାତା ସମ୍ମିଳନୀରେ ଏସ୍‌ପି ଏସ୍ ସୁଶ୍ରୀ, ଅନ୍ୟ ଅଧିକାରୀଙ୍କ ସହ ଗିରଫ ଅଭିଯୁକ୍ତମାନେ ।

**ନୟାଗଡ଼,୧୦।୩ (ଲୋକନାଥ ମିଶ୍ର)**

ନୟାଗଡ଼ ଟାଇନ ଥାନା ପୁରୁଣା ସହରର ଜଗନ୍ନାଥ ମନ୍ଦିର ଓ ଗୋପୀନାଥ ମନ୍ଦିର ଚୋରି ଘଟଣାର ପର୍ଦ୍ଦାଫାସ ହୋଇଛି । ମନ୍ଦିର ଚୋରି ଘଟଣାରେ ଆନ୍ତଃ ଜିଲା ମନ୍ଦିର ଚୋରକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ଆନ୍ତଃ ଜିଲା ମନ୍ଦିର ଚୋର ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଁଳାଚୁଁଆ ସୁଶାନ୍ତ କର୍ମୀ(୨୭)ଙ୍କ ସମେତ ୩ ସହଯୋଗୀ ସୁବର୍ଣ୍ଣପୁର ଜିଲା ତରଭା ଥାନା ଗଡ଼ ଭିତର ଗାଁର ଲକ୍ଷ୍ମୀ ନାରାୟଣ ନାୟକ(୩୪) ଓ ନୂଆପଡ଼ା ଛକର ସହିଲ ପାତ୍ର(୪୨), ନୟାଗଡ଼ ବ୍ରାହ୍ମଣୀପଦା ଗାଁର ଗୌରହରି ମହାନ୍ତି(୪୨)ଙ୍କୁ ନୟାଗଡ଼ ଜିଲା ଜେଲକୁ ଯିବାକୁ ପଡିଛି । ସେମାନଙ୍କଠାରୁ ୩୨ ଗ୍ରାମ ଓଜନର ୮ଟି ସୁନା ଚିତା, ୧୫୦୦ ଗ୍ରାମ ଓଜନର ରୁପା ମୁକୁଟ, ନାଗ ମୂର୍ତ୍ତି, ନାକଚଣା ଓ ଚିତା, ୩୪ କେଜିର ବ୍ରୋଞ୍ଜ ଓ ପିତଳ ଉପକରଣ, ଏକ ମୋବାଇଲ ଫୋନ, ଚୋରିରେ ବ୍ୟବହୃତ ୨ ଆଇରନ ରଡ ଓ ଦୁଇଟି ବ୍ୟାଗ, ୪୦ ହଜାର ଟଙ୍କା ଜବତ ହୋଇଛି ।




ମନ୍ଦିରରୁ ଚୋରି ହୋଇଥିବା ସାମଗ୍ରୀକୁ ଜବତ କରାଯାଇଛି ।

- କଣ୍ଟାମାଳର ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ ଅଟକ ଥିଲେ
- ଜଗନ୍ନାଥ, ଗୋପୀନାଥଙ୍କ ଚୋରି ଅଳଙ୍କାର, ଟଙ୍କା ଜବତ
- ୭ଟି ଜିଲାର ମନ୍ଦିରରୁ ଚୋରି କରିଥିଲେ
- ଅନ୍ୟ ଜିଲା ମନ୍ଦିର ଉପକରଣ ମଧ ଜବତ
- ଚୋରି ଟଙ୍କାକୁ ଜୁଆ ଖେଳି ମଜା ନେଉଥିଲେ

ଜବତ ଉପକରଣ ମଧରେ ନୟାଗଡ଼ ଜଗନ୍ନାଥ ଓ ଗୋପୀନାଥଙ୍କର ସୁନା, ରୁପା ଅଳଙ୍କାର, ଟଙ୍କା ସହ ଅନ୍ୟ ଜିଲା ଠାକୁରଙ୍କ ଉପକରଣ ରହିଛି । ମୁଖ୍ୟ ଅଭିଯୁକ୍ତ କନ୍ଧମାଳ, ସୁବର୍ଣ୍ଣପୁର, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ଅନୁଗୋଳ ଜିଲା ସହ ନୟାଗଡ଼ ମନ୍ଦିରରୁ ଚୋରି କରିଥିବା ଜଣାପଡିଛି । ତେବେ ମନ୍ଦିର ଚୋରିରୁ ମିଳୁଥିବା ଟଙ୍କାକୁ ସେମାନେ ଜୁଆ ଖେଳି ଉଡାଉଥିବା ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ ସୋମବାର ଅପରାହ୍ନରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି ।

ଏସ୍‌ପିଙ୍କ ସୂଚନା ଅନୁସାରେ, ମନ୍ଦିରରୁ ଚୋରି ପାଇଁ ସୋସିଆଲ ମିଡିଆ ଓ ଇଣ୍ଟରନେଟରେ ଛଡ଼ାଯାଇଥିବା ମନ୍ଦିର ସମ୍ପର୍କରେ ତଥ୍ୟକୁ କଣ୍ଟାମାଳ ଥାନା ଅଁଳାଚୁଁଆ ସୁଶାନ୍ତ କର୍ମୀ ସଂଗ୍ରହ କରନ୍ତି । ଗୁଗୁଲ ମ୍ୟାପରେ ମନ୍ଦିରର ସ୍ଥିତି, ରାସ୍ତା ଓ ଅନ୍ୟ ବିଷୟରେ ଅନୁଧ୍ୟାନ କରିବା ପରେ ଯେଉଁ ମନ୍ଦିରକୁ ଚୋରି ପାଇଁ ଟାର୍ଗେଟ କରାଯାଏ ସେହି ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଫେରନ୍ତି । ପରେ ମୋବାଇଲକୁ ଫ୍ଲାଇଟ ମୋଡରେ ରଖି ଚୋରି କରନ୍ତି । ଚୋରି ସମୟରେ ଆଦୌ ଫ୍ଲାଇଟ ମୋଡକୁ କ୍ୟାନସଲ କରନ୍ତି ନାହିଁ । ଚୋରି କରି ସାରିବା ପରେ ଚୋରି ଉପକରଣ ବିକ୍ରି କରନ୍ତି । ଅନ୍ୟ ଯେଉଁ ୩ଜଣଙ୍କୁ ଗିରଫ କରାଯାଇଛି ସେମାନେ ସୁଶାନ୍ତଠାରୁ ଚୋରି ଉପକରଣ କିଣି ବିକ୍ରି କରିଥାନ୍ତି । ନୟାଗଡ଼ ମନ୍ଦିର ଚୋରି ପୋଲିସ ପାଇଁ ଚାଲେଞ୍ଜ ଥିଲା । ପୋଲିସ ନୟାଗଡ଼ ଟାଉନରୁ ସଂଗ୍ରହ କରିଥିବା ସିସିଟିଭି ଫୁଟେଜ, ସ୍ମାର୍ଟ ସିଟିର ଏଆଇ କ୍ୟାମେରାର ଫଟୋ, ବିଭିନ୍ନ ପୋଲିସ ଗ୍ରୁପରୁ ଫଟୋ ଓ ଭିଡିଓ, ମୋବାଇଲ ଟ୍ରାକିଂକୁ ନେଇ ସୁଶାନ୍ତଙ୍କୁ ଚିହ୍ନଟ କରାଯାଇଥିଲା । ସୁଶାନ୍ତଙ୍କୁ ଧରିବା ପରେ ଚୋରି ଉପକରଣ ଜବତ କରାଯାଇଥିଲା । ସୁଶାନ୍ତ ୩ ଜଣ ସୁନା ଓ ରୁପା ବ୍ୟବସାୟୀଙ୍କୁ ଚୋରି ଉପକରଣ ବିକ୍ରି କରିଥିଲେ । ମନ୍ଦିର ଚୋରି ଘଟଣାରେ ତାଙ୍କ ନାଁରେ କଣ୍ଟାମାଳ ଥାନାରେ ୨ଟି, ବୀରମହାରାଜପୁର ଥାନାରେ ୪ଟି, ଝରାସୁଗୁଡ଼ା ଥାନାରେ ୧ଟି, ଅନୁଗୋଳ ଥାନାରେ ୧, ଫୁଲବାଣୀ ଥାନାରେ ୧, ସୁବର୍ଣ୍ଣପୁର ଥାନାରେ ୧ଟି ଓ ନୟାଗଡ଼ ଥାନାରେ ୧ଟି ଏପରି ୧୧ଟି ମାମଲା ରହିଛି । ସେହିଭଳି ଅଭିଯୁକ୍ତ ସହିଲ ପାତ୍ରଙ୍କ ନାଁରେ ତରଭା ଥାନାରେ ୧ଟି ଓ ଲକ୍ଷ୍ମୀ ନାରାୟଣ ନାୟକଙ୍କ ନାଁରେ ଅନୁଗୋଳ, ଫୁଲବାଣୀ ଓ ନୟାଗଡ଼ ଥାନାରେ ୩ଟି ମାମଲା ରହିଛି । ଏଥିସହ ରଣପୁର ଜଗନ୍ନାଥ ମନ୍ଦିରରୁ ଚୋରି କରିବାକୁ ଏମାନେ ଟାର୍ଗେଟ କରିଥିଲେ ବୋଲି ଏସ୍‌ପି କହିଛନ୍ତି । ଏମାନଙ୍କୁ ଧରିବା ପାଇଁ ନୟାଗଡ଼ ଏସ୍‌ଡିପିଓଙ୍କ ନେତୃତ୍ୱରେ ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ରଙ୍କ ସହଯୋଗରେ ୩ଟି ଟିମ୍ କରାଯାଇଥିଲା । ଖବରଦାତା ସମ୍ମିଳନୀରେ ନୟାଗଡ଼ ଅତିରିକ୍ତ ଏସ୍‌ପି ସନାତନ କାଲୋ, ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ, ନୟାଗଡ଼ ଟାଉନ ଥାନା ଆଇଆଇସି ମହାପାତ୍ର ଉପସ୍ଥିତ ଥିଲେ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଲିପୁନ



@ ମନୋଜ



@ ସୁବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# ପଞ୍ଚମୁଖୀ ହନୁମାନଙ୍କ ମନ୍ଦିରରେ ସମୂହ ବ୍ରତୋପନୟନ

**ଖଣ୍ଡପଡ଼ା,୧୦।୩ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଯାତ୍ରାପଦା ବଜାରସ୍ଥିତ ଫଣେଶ୍ୱର ମହାଦେବ ଓ ପଞ୍ଚମୁଖୀ ହନୁମାନଜୀଉଙ୍କ ବିଜେସ୍ଥଳୀ ପରିସରରେ ୨୫ତମ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ସୋମବାର ସମୂହ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୮ ଜଣ ବ୍ରହ୍ମଚାରୀ ବୋଲଗଡ଼, ସୋମକଟା, ରୁଗୁଡିପାଲ୍ଲୀ, ମିର୍ଜାପୁର, ସୁବଳୟା, ଲାଠିପଡ଼ା, ହରିଶରଣପୁର, ବାଲିକୁଦିଆ ଓ କୋରଡା ଆଦି ଅଞ୍ଚଳରୁ ସେମାନଙ୍କ ପରିବାର ସହ ଆସି ବ୍ରହ୍ମଚାରୀ ରୀତିନୀତି ଅନୁସାରେ ବ୍ରତୋପନୟନ ସହ ଯଜ୍ଞୋପବିତ ଗ୍ରହଣ କରିଥିଲେ । ସମ୍ପୃକ୍ତ ବ୍ରହ୍ମଚାରୀମାନେ ହେଲେ ସୌମ୍ୟ ରଞ୍ଜନ ମହାପାତ୍ର, ବିଷ୍ଣୁ ପ୍ରସାଦ ପଣ୍ଡା, ରାଜେଶ ଦାଶ, ମଣ୍ଟୁ ଦାଶ, ଚିକୁନୁ ଦାଶ, ସତ୍ୟ ସଂଗ୍ରାମ ପାଣିଗ୍ରାହୀ, ସରୋଜ କୁମାର ଦାଶ, ଆଶୁତୋଷ ଦାଶ, ପ୍ରିୟବ୍ରତ ଦାଶ, ଓମ୍ ପ୍ରକାଶ ଦାଶ, ବଟକୃଷ୍ଣ ଦାଶ, ଶଶିଭୂଷଣ ମହାପାତ୍ର, ବିକ୍ରମ କେଶରୀ ପାଢୀ, ରମାକାନ୍ତ ମହାପାତ୍ର, ଆଦିତ୍ୟ କୁମାର ପାଢୀ, ଶୁଭମ୍ ଶତପଥୀ, ଚନ୍ଦନ କୁମାର ନାୟକ, ସିଦ୍ଧାନ୍ତ ଦାଶ । ମନ୍ଦିର କମିଟି ପକ୍ଷରୁ ଏହି ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଭାବେ ରଜନିକାନ୍ତ ମିଶ୍ର, ସହଯୋଗୀ ରଜତ କୁମାର ମିଶ୍ର, ପୁରୋହିତ ଭାବେ ବସନ୍ତ କୁମାର ମିଶ୍ର ଓ ଶ୍ୟାମା ପ୍ରସାଦ ମିଶ୍ର ପ୍ରମୁଖ ବ୍ରତୋପନୟନ କାର୍ଯ୍ୟ ପରିଚାଳନା କରିଥିଲେ । ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ଅଗ୍ରୱାଲ ଏବଂ ମନ୍ଦିର ପରିଚାଳନା କମିଟିର ସଭ୍ୟ ଯଥାକ୍ରମେ ଲକ୍ଷ୍ମୀଧର ଚିନ୍ନରା, ହେମନ୍ତ କୁମାର ସେଠୀ, ସନ୍ତୋଷ କୁମାର ଅଗ୍ରୱାଲା, ଭଗବାନ ଦାସ ଅଗ୍ରୱାଲା, ଦଣ୍ଡପାଣି ବେହେରା, ରମାକାନ୍ତ ସାହୁ, ପ୍ରକାଶ ବେହେରା, କୃଷ୍ଣଚନ୍ଦ୍ର ସାହୁ ଓ କାଳନ୍ଦୀ ଚରଣ ବାରିକ ପ୍ରମୁଖ ଏହି ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତ ଗ୍ରାମବାସୀ ଓ ବ୍ରହ୍ମଚାରୀମାନଙ୍କ ପରିବାର ବର୍ଗଙ୍କୁ ସାଧୁବାଦ ଜଣାଇଥିଲେ । ବ୍ରତୋପନୟନ ଆନୁଷ୍ଠାନିକ କାର୍ଯ୍ୟକ୍ରମ ପରେ ସମସ୍ତ ବ୍ରହ୍ମଚାରୀଙ୍କ ସହିତ ସେମାନଙ୍କ ପରିବାର ଲୋକେ ଓ ଶତାଧିକ ଜନସାଧାରଣ ଗ୍ରାମ ପରିକ୍ରମା କରି ଶ୍ରୀନୀଳମାଧବ ଜୀଉଙ୍କ ସିଂହଦ୍ୱାରକୁ ଯାଇ ଠାକୁରଙ୍କ ଆର୍ଶୀବାଦ କାମନା କରିଥିଲେ ।



ବ୍ରତ ହୋଇଥିବା ନବୀନ ବ୍ରହ୍ମଚାରୀମାନେ ।

# ବେଆଇନ ମାଙ୍କଡ଼ା ଚାଲାଣ: ୨ ଟ୍ରକ୍ ଜବତ

**ଓଡ଼ଗାଁ, ୧୦।୩ (ଆଦର୍ଶ କୁମାର ପଟ୍ଟନାୟକ)**



ପୋଲିସ ଜବତ କରିଥିବା ୨ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ।

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳରେ ବର୍ଷ ବର୍ଷ ଧରି ଚାଲିଥିବା ବେଆଇନ ମାଙ୍କଡ଼ା ଖଣି ଉପରୁ ଖଣି ବିଭାଗର ସମ୍ପୂର୍ଣ୍ଣ ନିଷ୍କ୍ରିୟତା କାରଣରୁ ପ୍ରତିଦିନ ଶତାଧିକ ପଥର ଗାଡ଼ି ଚାଲାଣ ହେଉଛି । ଏସବୁ କେବଳ ବିଳମ୍ବିତ ରାତିରେ ଚାଲିଥିବା ବେଳେ ବାରମ୍ବାର ଦୁର୍ଘଟଣା ଘଟିବା ସହିତ କୋଟି କୋଟି ଟାଙ୍କର ରାଜସ୍ୱହାନି ହେଉଛି । ଏପରିସ୍ଥଳେ ରବିବାର ବିଳମ୍ବିତ ରାତିରେ ୨ଟି ମାଙ୍କଡା ବୋଝଇ ଟ୍ରକ୍ ଆଗ ପଛ ହୋଇ କୁରାଳ ଅଞ୍ଚଳକୁ ଯାଉଥିଲେ । ସ୍ଥାନୀୟ ପୋଲିସ ଖବର ପାଇ ନଂ. ଓଆର ୦୨ଟି ୬୭୩୯ ଓ ଓ ଆର ୦୯ ଇ ୫୫୦୮ ଦୁଇ ଟ୍ରକ୍‌କୁ ଜବତ କରିଥିଲା । ଉଭୟ ଚାଳକ ଘଟଣାସ୍ଥଳରେ ଟ୍ରକ୍‌କୁ ଛାଡି ଫେରାର ହୋଇଯାଇଥିଲେ । ୨ ଗାଡି ମାଲିକ ଓ ଡ୍ରାଇଭରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଆଇଆଇସି ରଶ୍ମି ରଞ୍ଜନ ସାହୁ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଉଭୟ ଟ୍ରକ୍‌କୁ କେତେକ ଯୁବକ ଅଟକାଇବାକୁ ଉଦ୍ୟମ କରିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ମାଙ୍କଡା ବେପାରୀ ସେମାନଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଅସମର୍ଥିତ ସୂତ୍ରରୁ ଜଣାଯାଇଛି ।

# ସ୍କୁଲ ଗାଡ଼ି ଓଲଟି ୨ ଶିଶୁ ଗୁରୁତର

**ଓଡ଼ଗାଁ, ୧୦।୩ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ଥାନା ଏନ୍‌ଏସିରେ ଥିବା ଏକ ଘରୋଇ ସ୍କୁଲର ଶିଶୁମାନେ ସ୍କୁଲ ଗାଡ଼ିରେ ସୋମବାର ଘରକୁ ଫେରୁଥିଲେ । ଏହି ସମୟରେ କୁରାଳ କୋମଣ୍ଡ ପୂର୍ତ୍ତ ରାସ୍ତାରେ ମଧ୍ୟାହ୍ନରେ ସ୍କୁଲ ଗାଡ଼ି ଓଲଟି ପଡ଼ିବାରୁ ଏଥିରେ ବସିଥିବା ୪ ଜଣ ଶିଶୁଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି । ଗୁରୁତରମାନେ ହେଲେ କୋମଣ୍ଡ ପରେମେଶ୍ୱର ପ୍ରଧାନଙ୍କ ପୁଅ ଦିବ୍ୟ ରଞ୍ଜନ(୫) ଏବଂ ବିରୁପାକ୍ଷ ସାହୁଙ୍କ ପୁଅ ଅୟାଂଶୁ (୫) । ସେହିପରି ଆହତ ୨ ଜଣ ହେଲେ ରାମକୃଷ୍ଣ ଦଳେଇଙ୍କ ଝିଅ ଆହାନା(୮) ଏବଂ କୋମଣ୍ଡ ମକରପଦାର ବି.ଏସ୍. ତେଜସ୍(୫) । ଘଟଣାରୁ ଜଣାଯାଏ ବଚବନ ପବ୍ଲିକ ସ୍କୁଲର ଶିଶୁମାନେ ସ୍କୁଲ ଛୁଟିରେ ଘରକୁ ଫେରୁଥିବା ବେଳେ ଗାଡ଼ି ଆଗରେ ହଠାତ ଏକ ବିଲେଇ ପାସ କରିବାରୁ ଚାଳକ ଗାଡ଼ିର ବ୍ରେକ ମାରି ଦେଇଥିଲେ । ଫଳରେ ନୂତନ ଭାବେ ନିର୍ମାଣ କରାଯାଇଥିବା ରାସ୍ତାରେ ବାଲି ପଡିଥିବାରୁ ଗାଡ଼ି ଭାରସାମ୍ୟ ହରାଇ ମଝି ରାସ୍ତାରେ ଓଲଟି ପଡ଼ିଥିଲା । ଘଟଣାସ୍ଥଳରୁ ଶିଶୁମାନଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା । ଖବରପାଇ ସ୍କୁଲ କର୍ତ୍ତୃପକ୍ଷ ଡାକ୍ତରଖାନାରେ ପହଞ୍ଚି ଥିଲେ । ୨ ଆହତ ଶିଶୁଙ୍କ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି । ଗୁରୁତର ଦ୍ୱୟଙ୍କୁ ନେଇ ଅଭିଭାବକଙ୍କ ସହ ସ୍କୁଲ କର୍ତ୍ତୃପକ୍ଷ ଅଧିକ ଚିକିତ୍ସା ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ସେଠାରୁ ଜଣେ ଶିଶୁଙ୍କୁ ଭୁବନେଶ୍ୱରର ସ୍ଥାନାନ୍ତର କରାଯାଇଛି ।

# ଜାଭେଲିନ୍‌ରେ ସ୍ୱର୍ଣ୍ଣ ପଦକ ପରେ ବି ଅଣଦେଖା

- ସହଯୋଗ ପାଇଁ ଜିଲାପାଳଙ୍କୁ ଫେରାଦ୍ ହେଲା ଭିନ୍ନକ୍ଷମ ଛାତ୍ରୀ
- କୋଚ୍, ଖେଳ ସାମଗ୍ରୀ ଦେଉନାହାନ୍ତି ସରକାର

**ନୟାଗଡ଼,୧୦।୩ (ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ତଥା ଓଡ଼ିଶାର ଗର୍ବ ଓ ଗୌରବ ନୂଆଗାଁ ବ୍ଲକ ଗୋଳଗୋଳା ଗାଁର ୧୪ ବର୍ଷର ଭିନ୍ନକ୍ଷମ ଛାତ୍ରୀ ଜାଭେଲିନ୍ ଓ ସର୍ଟ ଫୁଟ ଥ୍ରୋରେ ସ୍ୱର୍ଣ୍ଣ ପଦକ ପାଇଥିଲେ ହେଁ ଅଣଦେଖା ହୋଇ ରହିଯାଇଛନ୍ତି । ଖେଳରେ ଦାରିଦ୍ର୍ୟ ବାଧକ ସାଜିଥିଲେ ହେଁ ସରକାର କି ପ୍ରଶାସନ ଏଯାବତ ଖେଳ ଉପକରଣ କି କୋଚ୍ ଯୋଗାଉ ନାହାନ୍ତି । ଏଣୁ ନୟାଗଡ଼ ଜିଲାର ସମ୍ପୃକ୍ତ କ୍ରୀଡା ପ୍ରତିଭୂ ନିଜର ଭବିଷ୍ୟତକୁ ଆଖି ଆଗରେ ରଖି ସହଯୋଗର ହାତ ବଢ଼େଇବାକୁ ଜିଲାପାଳଙ୍କୁ ଫେରାଦ୍ ହୋଇ ଅନୁରୋଧ କରିଛନ୍ତି ।



ଭିନ୍ନକ୍ଷମ ଆଥଲେଟ୍ ଅନନ୍ୟା ସ୍ୱାଇଁ ।

ଅଭିଯୋଗ ଅନୁସାରେ, ଗୋଳଗୋଳା ଗାଁର ଅନନ୍ୟା ସ୍ୱାଇଁ ସ୍ପାଇନାଲ କଡ ଟ୍ୟୁମର ରୋଗରେ ପୀଡିତ ହୋଇ ଭିନ୍ନକ୍ଷମ ହୋଇଛନ୍ତି । ତେବେ ସେ ପଛକୁ ନ ହଟି ୨୦୨୪ ଜୁଲାଇ ୧୬ରେ ବାଙ୍ଗାଲୋରରେ ଅନୁଷ୍ଠିତ ନ୍ୟାଶନାଲ ପାରା ଆଥଲେଟିକ୍ ଚାମ୍ପିୟନସିପରେ ଭାଗ ନେଇ ଜାଭେଲିନ୍ ଓ ସର୍ଟଫୁଟ ଥ୍ରୋରେ ସ୍ୱର୍ଣ୍ଣ ପଦକ ପାଇଥିଲେ । ସ୍ୱର୍ଣ୍ଣ ପଦକ ପାଇବା ପରେ ସରକାରଙ୍କ ସହଯୋଗ ମିଳିବ ବୋଲି ଆଶା ରଖିଥିଲେ । ହେଲେ ସରକାରଙ୍କ ପକ୍ଷରୁ ଏଯାବତ ବି କୌଣସି ସହଯୋଗ, ସହାୟତା ମିଳିଲା ନାହିଁ । ଜଣେ ଭିନ୍ନକ୍ଷମ ସ୍ୱର୍ଣ୍ଣ ପଦକ ପାଇବା ଜିଲା ଓ ରାଜ୍ୟ ପାଇଁ ଗୌରବ ହୋଇଥିଲେ ହେଁ ଅଣଦେଖା ହୋଇ ରହିଗଲେ । ଏଭଳିସ୍ଥଳେ ଅନନ୍ୟା ଯାତାୟାତ କରି ପାରୁନାହାନ୍ତି । ତାଙ୍କ ପାଇଁ ଟ୍ରାଇ ସାଇକେଲ ଓ ସ୍କୁଟିର ଆବଶ୍ୟକତା ରହିଛି ବୋଲି ଅନନ୍ୟା କହିଛନ୍ତି ।

# ମିଳିତ ଅଭିଯୋଗ ଶୁଣାଣିରେ ୫୦ ଅଭିଯୋଗ

**ନୂଆଗାଁ, ୧୦।୩ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଦ୍‌ଭାବନା ଗୃହ ମଧରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ପଞ୍ଜୀକୃତ ହୋଇଥିବା ୫୦ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ୨୬, ସାମୂହିକ ୧୩ ଓ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ସମ୍ପର୍କିତ ଥିଲା । ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ୧୦ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା ।

ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପୂର୍ବରୁ ଶତାଧିକ ଅଭିଯୋଗ ପଞ୍ଜୀକୃତ ହେଉଥିବା ବେଳେ ଦିନକୁ ଦିନ ଏହା କମି ଯାଉଥିବା ଅଭିଯୋଗ ହେଉଛି । ୨୦୨୪ ଡିସେମ୍ବର ଶିବିରରେ ୫୬ଟି ଅଭିଯୋଗ ପଞ୍ଜୀକୃତ, ମେ ୨୦୨୪ରେ ୭୧ଟି, ମାର୍ଚ୍ଚ ୨୦୨୩ରେ ୮୬ଟି ଓ ନଭେମ୍ବର ୨୦୨୨ରେ ୧୦୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ତେବେ ଅଭିଯୋଗ କଲେ କୌଣସି ସୁଫଳ ମିଳୁ ନ ଥିବାରୁ ଲୋକମାନେ ଶିବିରରୁ ମୁହଁ ଫେରାଇ ନେଉଛନ୍ତି ବୋଲି ଜନମତରୁ ଜଣାପଡୁଛି । ଭାପୁର ବ୍ଲକ ଫତେଗଡ଼ ଥାନା ବାଦୁକା ଗ୍ରାମର ଗୀତାଞ୍ଜଳି ଜେନାଙ୍କ ଅଭିଯୋଗ ମୁତାବକ, ତାଙ୍କ ବାଡିକୁ ଲଗାଇ ପଡୋଶୀ ଆମ୍ବ ଗଛ ଲଗାଇଛନ୍ତି । ଯାହାକି ଗୀତାଞ୍ଜଳିଙ୍କ କ୍ଷତି କରୁଛି । ଏ ନେଇ ନ୍ୟାୟ ପାଇବା ପାଇଁ ୬ ଥର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ । ତେଣୁ ସେ ନୂଆଗାଁ ବ୍ଲକ ଶିବିରକୁ ଆସି କ୍ଷୋଭର ସହ ଜିଲାପାଳଙ୍କୁ ପୁନର୍ବାର ଜଣାଇଛନ୍ତି । ଚାହାଳୀ କନଶକ୍ତି ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ସହ ଖାଲିଥିବା ଶିକ୍ଷକ ପଦବୀକୁ ପୂରଣ କରିବାକୁ ଚାହାଳି ଗ୍ରାମର ସୁବାସ ଚନ୍ଦ୍ର ମିଶ୍ର ଅଭିଯୋଗ କରିଛନ୍ତି । ଝାଲିକିଟିଠାରେ ୩୫ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଥିବା ଚେକଡ୍ୟାମର ହୁଡା ଭାଙ୍ଗି ଯାଇଥିବାରୁ ଚାଷୀଙ୍କ କାମରେ ଲାଗୁନି । ତେଣୁ ତାହାକୁ ମରାମତି କରିବାକୁ ବିଜୟ କୁମାର ପ୍ରଧାନ ଅଭିଯୋଗ କରିଥିଲେ । କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଉପଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିବା ସହ ସମ୍ପୃକ୍ତ ବିଭାଗକୁ ଚିଠି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗୌଡ଼ ଚାଞ୍ଚେରାପଲ୍ଲୀ ସୌର ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇଥିବା ଅଭିଯୋଗ ହୋଇଥିଲା ।

ନୂଆଗାଁ ଧାନମଣ୍ଡିକୁ ଚାଲୁ କରିବା, ନୂଆଗାଁ ପାନୀୟ ଜଳ ସମସ୍ୟା, ଷ୍ଟ୍ରିଟ ଲାଇଟ ଅଚଳ, ବାବଦରେ ଅଭିଯୋଗ ହୋଇଥିଲା । ଅଯୋଗ୍ୟ ବ୍ୟକ୍ତି ଚଞ୍ଚକତା କରି ଭିନ୍ନକ୍ଷମ ଭତ୍ତା ହାତେଇଥିବା ନେଇ ଅଭିଯୋଗ ଆସିଥିଲା । ଅଭିଯୋଗର ତଦନ୍ତ କରିବା ପରିବର୍ତ୍ତେ କେଉଁ ହିତାଧିକାରୀ ଅଯୋଗ୍ୟ ତାହାର ନାମ ଲେଖିକି ଦିଅନ୍ତୁ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ଅଭିଯୋଗକାରୀଙ୍କୁ ପ୍ରଶ୍ନ କରି ଅଭିଯୋଗକୁ ଚାପି ଦେବାକ ଚେଷ୍ଟା କରୁଥିବା ଅଭିଯୋଗକାରୀ କହିଛନ୍ତି । ଶିବିରରେ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ସିଡିଏମ୍‌ଓ ଡା, ସୁଶାନ୍ତ କୁମାର ଦାସ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ନୂଆଗାଁ ବିଡିଓ ଅମୃତ କୁମାର ରାଉଳ, ଅତିରିକ୍ତ ତହସିଲଦାର କବିରାଜ ସେଠୀଙ୍କ ସମେତ ଜିଲା ଓ ବ୍ଲକ ଅଧିକାରୀମାନେ ଯୋଗ ଦେଇଥିଲେ ।




ପ୍ରଶାସନିକ ଅଧିକାରୀ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି ।

